# Akashvani, Sambalpur

## SAMBALPURI NEWS EVENING BULLETIN

## 8 july 2026-7.02- 7.12 pm.

---

୧- ପିଏମ୍ ସୂର୍ଯ୍ୟଘର ଯୋଜନାକେ ପିଏମ୍ ଆବାସ ଆଉ ରାଜ୍ୟ ଗୃହ ଯୋଜ୍ନା ସାଙ୍ଗେ ଜୁଡ଼ାଯିବା- ଘୋଷ୍ନା କଲେ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ।

୨- ସାଇବର୍ ଠକେଇ ମାମ୍ଲାର୍ ତୁର୍ତି ସମାଧାନ୍ ଲାଗି ଓଡ଼ିଶା ପୁଲିସ୍ ତର୍ଫୁ ମୁଲ୍ ହେଲା ଇ-ଜିରୋ ଏଫ୍ଆଇଆର୍ ବ୍ୟବସ୍ଥା ।

୩- ହୀରାକୁଦ୍ ଜଲ୍ପରିଚାଳନାକେ ନେଇକରି ସମ୍ବଲ୍ପୁର୍ ଠାନେ ହେଇଛେ ଆନ୍ତଃରାଜ୍ୟ ବୈଠକ୍ ।

୪- ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାକେ ଆଉ ରହେଲା ୮ ଦିନ୍- ଶେଷ୍ ଖେପେ ପୁହୁଁଚିଲା ପ୍ରସ୍ତୁତି ।

ଆଉର୍

୫- ହୀରାକୁଦ୍ ଜଲ୍ଭଣ୍ଡାର୍ନୁ ଆଏବାକାଏଲ୍ ଛଡ଼ାଯିବା ଇ ବଛରର୍ ପହେଲା ବଏଡ୍ ପାଏନ୍ ।

## ଉପମୁଖ୍ୟମନ୍ତ୍ରୀ-ସୂର୍ଯ୍ୟଘର, ପିଏମ୍ ଆବାସ ଆଇ.ଆଣ୍ଡ୍.ପି.ଆର୍

ଶକ୍ତି କ୍ଷେତ୍ରରେ ସୁଧାର୍, ସୁରକ୍ଷା, ଆଉ କେନ୍ଦ୍ର ଆଉ ରାଜ୍ୟ ସର୍କାର୍ଙ୍କର୍ ଯୋଜ୍ନାର୍ କାର୍ଯ୍ୟକାରିତା ଉପ୍ରେ ଉପମୁଖ୍ୟମନ୍ତ୍ରୀ ଆଉ ଶକ୍ତିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ଅଧ୍ୟକ୍ଷତାରେ ଗୁଟେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ୍ ହେଇଯାଇଛେ । ଅକ୍ଷୟ ଶକ୍ତି ଆଉ ସୁଲଭ ଘର୍ ଉପ୍ରେ ଜୋର୍ ଦେଇକରି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ପିଏମ୍ ସୂର୍ଯ୍ୟଘର୍ ଯୋଜ୍ନାକେ ପିଏମ୍ ଆବାସ ଆଉ ରାଜ୍ୟ ଗୃହ ଯୋଜ୍ନା ସାଙ୍ଗେ ଜୁଡ଼ାଯିବା ବଲି ଘୋଷ୍ନା କରିଛନ୍ । ଇ ଯୋଜ୍ନା ଅଧୀନ୍‌ରେ ସହରାଂଚଲ୍ ନ ଛାତ୍ ଉପ୍ରେ ୧ କିଲୋୱାଟ୍‌ର ସୌର ପେନେଲ୍ ଥାପ୍ନା ଲାଗି କେନ୍ଦ୍ର ତର୍ଫୁ ୩୦ ହଜାର୍ ଟଙ୍କା ଆଉ ରାଜ୍ୟ ସର୍କାର୍ଙ୍କର୍ ତର୍ଫୁ ୨୫ ହଜାର୍ ଟଙ୍କାର୍ ସବ୍‌ସିଡ଼ି ସାହାଜ୍ ଦିଆଯାଉଛେ । ହିତାଧିକାରୀମାନ୍‌କୁ ୧୮ ଶହ ୭୫ ଟଙ୍କା ଖର୍ଚ୍ଚାରେ ଇ ସୁବିଧା ମିଲ୍‌ବା । ବୈଠକ୍‌ରେ ଗୃହ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର, ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍, ଶକ୍ତି ଆଉ ବିଦ୍ୟୁତ୍ ବିଭାଗ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ସୁଭଦ୍ରା ଶକ୍ତି ଭିଜନ୍ ସମ୍ମିଳନୀ ସମ୍ବଲପୁର ସମ୍ବାଦଦାତା

ଆଇଆଇଏମ୍ ସମ୍ବଲ୍‌ପୁର୍ ଠାନେ ଆଂଚଲିକ୍ ସୁଭଦ୍ରା ଶକ୍ତି ଭିଜନ୍ ସମ୍ମିଳନୀ ଆଏଜ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ସୁଭଦ୍ରା ଶକ୍ତି ଜରିଏ ମହିଳାମାନେ କେନ୍ତାକରି ଆତ୍ମନିର୍ଭର୍‌ଶୀଳ ହେବେ ଆଉ ଇ ଦିଗେ ରାଜ୍ୟ ସର୍‌କାର୍‌ଙ୍କର୍ ଭିଜନ୍ ବାବ୍‌ଦେ ମହିଳାମାନ୍‌କୁ ଉଦ୍‌ବୋଧନ୍ ଦେଇଛନ୍ । ସମ୍ମିଳନୀଥି ବର୍‌ଗଡ଼୍, ସୁବର୍ଣ୍ଣପୁର୍, ବଲାଙ୍ଗିର୍, ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା ଜିଲ୍ଲାର୍ ବ୍ଲକସ୍ତରୀୟ ମହାସଂଘ କର୍ମକର୍ତା ମାନେ ଯୋଗ୍ ଦେଇଥିଲେ । ରାଏଜେ ଥିବା ୬ ଲାଖ୍ ୧୦ ହଜାର୍ ସ୍ୱୟଂସହାୟକ ଗୋଷ୍ଠୀର ୨୬ ଲାଖ୍ ୪୦ ହଜାର୍ ମହିଳାଙ୍କୁ ଲକ୍ଷପତି ଦିଦି ବନାଯାଇଛେ ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ ।

ଇ-ଜିରୋ ଏଫ୍‌ଆଇଆର୍ କଟକ୍ ସମ୍ବାଦଦାତା

ସାଇବର୍ ଆର୍ଥିକ୍ ଠକେଇ ମାମ୍ଲାର୍ ତୁର୍ତି ପଞ୍ଜିକରଣ୍ ଆଉ ତଦନ୍ତ୍ ଆଉ ଇଥି ଶିକାର୍ ହେଇଥିବା ଲୁକ୍କର୍ ମାମଲାର୍ ସମାଧାନ୍ ଦିଗେ ଓଡ଼ିଶା ପୁଲିସ୍ ତର୍ଫୁ ଆଏଜ୍ ଇ-ଜିରୋ ଏଫ୍.ଆଇ.ଆର୍. ବ୍ୟବସ୍ଥା ମୁଳ୍ କରାଯାଇଛେ । କଟକ୍ ରାଜ୍ୟ ପୁଲିସ୍ ମୁଖ୍ୟାଳୟ ନ ହେଇଥିବା କାର୍ଯ୍ୟକ୍ରମ୍କେ ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍  ଖୁରାନିଆ ଉଦ୍‌ଘାଟନ୍ କରିକରି କହିଛନ୍, ସାଇବର୍ ଅପରାଧର ମୁକାବିଲା ଲାଗି ଆଧୁନିକ ପ୍ରଯୁକ୍ତିବିଦ୍ୟାର ସବୁନୁ ଜହ ବେଭାର୍ କରାଯିବା । ସାଇବର୍ ଆର୍ଥିକ୍ ଠକେଇର୍ ଶିକାର୍ ହେଇଥିବା ଲୋକ୍ ଡେରି ନାଇଁକରି ୧୯୩୦ ଥି ଜଲ୍‌ଦି ଅଭିଯୋଗ୍ କର୍‌ବାର୍‌କେ ଶ୍ରୀ ଖୁରାନିଆ ଅନୁରୋଧ୍ କରିଛନ୍ । ନୂଆଁ ବ୍ୟବସ୍ଥା ଅନ୍‌ସାରେ ୧୦ ଲାଖ୍ ଟଙ୍କା କି ତାର୍ ଅଏତ୍‌କା ସାଇବର୍ ଆର୍ଥିକ୍ ଠକେଇ ବାବଦ୍ ଅଭିଯୋଗ୍ ୧୯୩୦ ଥି ପଞ୍ଜିକୃତ ହେଲେ ସ୍ୱୟଂଚାଲିତ୍ ଭାବେ ଇ-ଜିରୋ ଏଫ୍‌ଆଇଆର୍ କରାଯାଇପାର୍‌ବା । ତାର୍‌ଉତ୍‌ରୁ ଅପରାଧ୍ ଶାଖାର୍ ସାଇବର୍ ପୁଲିସ୍ ଷ୍ଟେସନ୍‌କେ ଇଟା ପଠାଯିବା । ପ୍ରାଥମିକ ଯାଂଚ୍ ଉତ୍‌ରୁ ସାଇବର୍ ପୁଲିସ୍ ଷ୍ଟେସନ୍ ନିୟମିତ୍ ଏଫ୍.ଆଇ.ଆର୍ ପଞ୍ଜିକରଣ୍ କରିକରି ତଦନ୍ତ୍ ମୁଳ୍ କର୍‌ବା ବଲି ଶ୍ରୀ ଖୁରାନିଆ କହିଛନ୍ ।

ପୁଲିସ ପଦବୀ ଖାଲି          ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ପୁଲିସ୍ ବିଭାଗ୍‌ଥି ପାଖାପାଖି ୩୩ ହଜାର୍ ପଦ୍‌ବୀ ଖାଲି ପଡ଼ିଛେ ବଲି ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆ କହିଛନ୍ । ଜନସଂଖ୍ୟା ତୁଲାନାଥି ଓଡ଼ିଶା ପୁଲିସ୍‌ଥି ମାନବ୍ ସମ୍ବଲ୍ କମ୍ ରହିଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ନେତୃତ୍ୱଥି ଗଲା ଦୁଇ ବଛ୍‌ରେ ୧୭ ହଜାର୍ ନୂଆଁ ପଦ୍‌ବୀ ତିଆର୍ କରାଯାଇଛେ । ଖାଲି ଥିବା ସବୁ ପଦ୍‌ବୀମାନ୍‌କୁ ଖୋବ୍ ଜଲ୍‌ଦି ପୁରା କରାଯିବା ବଲି ଶ୍ରୀ ଖୁରାନିଆ କହିଛନ୍ ।

ପେନସନ୍ ସମାଧାନ ଶିବିର          ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ ପୂର୍ବତଟ ରେଲ୍‌ପଥ୍ ମୁଖ୍ୟାଲୟ ନ ଛତିଶ୍‌ଗଡ଼୍ ଆଉ ଓଡ଼ିଶା ଉପକ୍ଷେତ୍ର ଆଉ ରାଜ୍ୟ ଶ୍ରମିକ୍ ବୋର୍ଡ଼ ଦେଖ୍‌ରେଖ୍‌ଥି ଆଏବା ଶୁକ୍ରବାର୍ ଦିନ ଗୁଟେ ରକ୍ଷା ପେନ୍‌ସନ୍ ସମାଧାନ୍ ଶିବିର୍ କରାଯିବା । ରାଏଜେ ରହୁଥିବା ପ୍ରତିରକ୍ଷା ପେନ୍‌ସନ୍ ଭୋଗୀମାନ୍‌କର୍ ପେନ୍‌ସନ୍ ବାବଦ୍ ଅଭିଯୋଗ୍‌ର ସମାଧାନ୍

ଲାଗି ଇ ଶିବିର୍‌ର ଆୟୋଜନ୍ କରାଯାଉଛେ । ପ୍ରତିରକ୍ଷା ପେନ୍‌ସନ୍ ଭୋଗୀମାନେ ଜରୁରୀ ଦସ୍ତାବିଜ୍ ସହେତେ ରେଲ୍ ମୁଖ୍ୟାଲୟ ନ ଉପସ୍ଥିତ୍ ରହେବାର୍‌କେ କୁହାଯାଇଛେ ।

ମେଧାତାଲିକା ପ୍ରକାଶ ହି.ସ.

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ଯୁକ୍ତ ଦୁଇ ପାଠ୍ୟକ୍ରମଥି ନାମଲେଖା ଲାଗି ଆଏଜ୍ ପହେଲା ଖେପ୍ ମେଧା ତାଲିକା ବାହାରିଛେ । ଆଏବା କାଏଲ୍‌ଠାନୁ ୧୫ ତାରିଖ୍‌ତକ୍ ନାଁଲେଖା ଚାଲ୍‌ବା । ଇ ଖେପେ ବିଜ୍ଞାନ୍ ବିଭାଗ୍ ଲାଗି ୯୩ ଦଶମିକ ୪ ପ୍ରତିଶତ, ବାଣିଜ୍ୟ ବିଭାଗ୍ ଲାଗି ୮୨ ଦଶମିକ ୪ ପ୍ରତିଶତ, କଳା ବିଭାଗ ଲାଗି ୮୧ ପ୍ରତିଶତ୍ କଟ୍ ଅଫ୍ ମାର୍କ ଧାରିଜ୍ କରାଯାଇଛେ । ଆବେଦନ କରିଥିବା ୪ ଲାଖ୍ ୬୧ ହଜାର୍ ଛାତ୍ରଛାତ୍ରୀଙ୍କର୍ ଭିତ୍‌ରୁ ୪ ଲାଖ୍ ୨୯ ହଜାର ନାଁ ଲେଖାବାର୍ ଲାଗି ବଛା ହେଇଛନ୍ ।

ଯୁକ୍ତ ୩ ହି.ସ.

ଉଚ୍ଚଶିକ୍ଷା ବିଭାଗ୍ ତର୍ଫୁ ରାଏଜେ ଯୁକ୍ତ ୩ ପହେଲା ଖେପ୍ ନାଁଲେଖା ଲାଗି ସଂଶୋଧିତ୍ ସୂଚୀ ବାହାର୍ କରାଯାଇଛେ । କେଜି ନୁ ପିଜି ତକ୍ ମାହାଲିଆ ନାଁଲେଖା ଘୋଷ୍ନା ହେବାର୍ ଉତ୍ରୁ ଇ ସଂଶୋଧିତ୍ ଟାଇମ୍ଲାଇନ୍ ବାହାରିଛେ । ଯେନ୍ ଛାତ୍ରଛାତ୍ରୀମାନେ ଆଘୋନୁ ପହେଲା ଖେପ୍ ନାଁଲେଖା ପ୍ରକ୍ରିୟାଥି ସାମିଲ୍ ହେଇଥିଲେ, ସେମାନେ ଆଏଜ୍ଠାନୁ ୧୨ ତାରିଖ୍ତକ୍ ଫେର୍ଥରେ ଚଏସ୍ ଫିଲିଂ କରିପାର୍ବେ । ଓଟିପି ଭେରିଫିକେସନ୍ ଜରିଏ ଇ ସଂଶୋଧିତ୍ ସୁଯୋଗ୍ର ଲାଭ୍ ଉଠେଇପାର୍ବେ । ସବିଶେଷ୍ ତଥ୍ୟ ଲାଗି ଛାତ୍ରଛାତ୍ରୀମାନ୍କୁ ସାମ୍ସ ପୋର୍ଟାଲ୍ ଦେଖ୍ବାର୍କେ ବିଭାଗ୍ ତର୍ଫୁ କୁହାଯାଇଛେ । ସେନ୍ତା ୨ ନମ୍ବର୍ ଖେପ୍ ମେରିଟ୍ ଲିଷ୍ଟ୍ ଜୁଲାଇ ୨୦ ତାରିଖ୍ ବାହାର୍ବା ।

ବନ୍ୟାଜଳ ବୈଠକ        ସମ୍ବଲପୁର ସମ୍ବାଦଦାତା

ହୀରାକୁଦ୍ ଜଲ୍ ପରିଚାଲ୍ନାକେ ନେଇକରି ସମ୍ବଲ୍ପୁର୍ ବୁର୍ଲାନ ଥିବା ଅଶୋକ ନିବାସ୍ ଠାନେ ଓଡ଼ିଶା ଆଉ ଛତିଶ୍ଗଡ଼୍ ଭିତ୍ରେ ଆନ୍ତଃରାଜ୍ୟ ବୈଠକ୍ ହେଇଯାଇଛେ । ବୈଠକ୍ଥି କେନ୍ଦ୍ରୀୟ ଜଳ

ଆୟୋଗ୍‌ର ଅଧିକାରୀ, ଓଡ଼ିଶା ଆଉ ଛତିଶ୍‌ଗଡ୍‌ ଜଲ୍‌ସମ୍ପଦ୍‌ ବିଭାଗ୍‌ର ଅଧିକାରୀମାନେ ଉପସ୍ଥିତ ରହିକରି ଆଏବା କାଏଲ୍‌ ହୀରାକୁଦ୍‌ ଜଲ୍‌ଭଣ୍ଡାର୍‌ନୁ ଛଡ଼ାହେବାର୍‌କେ ଥିବା ଇ ବଛ୍‌ରର୍‌ ପହେଲା ବଏଢ୍‌ ପାଏନ୍‌ ବାବଦେ ଆଲୋଚନା କରିଛନ୍‌ । କଲ୍‌ମା ବେରେଜ୍‌ର ୬୧ ଟା ଗେଟ୍‌ ଖୁଲାଯାଇଥିବାର୍‌ ବେଲେ ୫ ଟା ଗେଟ୍‌ ବନ୍ଦ୍‌ କରାଯାଇଛେ । ବୈଠକ୍‌ ବାବ୍‌ଦେ ଛତିଶ୍‌ଗଡ୍‌ ଜଲ୍‌ସମ୍ପଦ୍‌ ବିଭାଗ୍‌ର ପ୍ରଣୟ ପାଲ୍‌ କହିଛନ୍‌...

(ଭଏସ୍‌ ଓଭର୍‌- ପ୍ରଣୟ ପାଲ)

ରଥଯାତ୍ରା ପୁରୀ ସମ୍ବାଦଦାତା

ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର୍‌ ରଥଯାତ୍ରାକେ ଆଉ ୮ ଦିନ୍‌ ବାକି ରହିଥିବାର୍‌ ବେଲେ ରଥ ତିଆରି କାମ୍‌ ଶେଷ୍‌ ଖେପେ ପୁହୁଁଚିଛେ । ଶ୍ରୀବିଗ୍ରହମାନ୍‌କୁ ସ୍ୱାଗତ୍‌ କର୍‌ବାର୍‌ ଲାଗି ବଡ଼ଦାଣ୍ଡକେ ଅତି ସୁନ୍ଦର୍‌ ଭାବେ ସଜା ଯାଇଛେ । ମାହାପୁରୁମାନ୍‌କର୍‌ ତିନ୍‌ହି ରଥର୍‌ ରଙ୍ଗଚିତ୍ର କାମ୍‌ ଶେଷ୍‌ ଖେପେ ପୁହୁଁଚିଛେ । ସେଆଡ଼େ

ଦର୍ଦୀ ସେବକ୍‌ମାନେ ରଥକପଡ଼ା କଟା ଆଉ ସିଲେଇ କାମ୍ ଆଉ ହଂସପଟା ବାଡ଼ିଆକାମ୍ ଆଏଜ୍ କରୁଛନ୍ । ତାର୍ ଉତ୍‌ରୁ କଲସ୍ ଉଠାଯିବାର୍ ସହେତେ ଠେକେରାବାଡ଼ ଆଉ କନମୁଣ୍ଡିଥି ପିତଲ୍ ଛାଉଣି କରାଯିବା । ଇତାର୍‌ଭିତ୍‌ରେ ତିନ୍‌ହି ରଥର୍ ମହାରଣା ସେବକ୍‌ମାନେ ୧୦ ଟା ଲେଖା ରଥମୋଡ଼ ଚକଫାଲି ତିଆର୍ କାମ୍ ଶେଷ୍ କରିଛନ୍ । ସେଆଡ଼େ ଶ୍ରୀମନ୍ଦିର୍ ଅଣସର ଘରେ ମାହାପୁରୁମାନ୍‌କର୍ ଗୁପ୍ତ ସେବା ଭିଲ୍ ଚାଲୁଛେ । ଷଷ୍ଠୀ ତିଥିନୁ ମୁଲ୍ ହେଇଥିବା ଓଷୋ ଲାଗି ନୀତି ଆଏବା ନଅମୀ ତିଥିତକ୍ ଚାଲ୍‌ବା । ଜର୍‌ନୁ ଭଲ୍ ହେଇକରି ମାହାପୁରୁମାନେ ଅଷାଢ଼୍ ମାସର୍ ଉଜଲ୍‌ପଖର୍ ଦ୍ୱିତୀୟା ତିଥି ଅବ୍‌ସରେ ରଥଯାତ୍ରାଥି ମାଉସୀମା ଘର୍‌କେ ଯିବେ ।

ରଥଯାତ୍ରା ଆଘୋନୁ ଆଏଜ୍ ଦୁଇନମ୍ବର୍ ଦିନେ ପୁରୀ ରେଲ୍‌ଷ୍ଟେସନ୍ ନ ମକ୍‌ଡ୍ରିଲ୍ କରାଯାଇଛେ । ଓଡ୍ରାଫ୍, ଅଗ୍ନିଶମ, ଜିଆର୍‌ପି, ଆରପିଏଫ୍, ଏସ୍‌ଟିୟୁ ଆଉ ଜିଲ୍ଲା ପ୍ରଶାସନ ମିଶିକରି ଇ ମକ୍‌ଡ୍ରିଲ୍ କରିଛନ୍ । ଆତଙ୍କବାଦୀ ଆକ୍ରମଣ୍‌କେ ଅଟ୍‌କାବାର୍‌ଟା ଇତାର୍ ମୁଲ୍ ଉଦ୍ଦେଶ୍ୟ ଆଏ ।

ଫିଟନେସ୍ ଓ ପଞ୍ଜୀକରଣ ଯାଂଚ ଆର୍‌ଏନ୍‌ୟୁ ସମ୍ବଲପୁର/ବୌଦ୍ଧ

ରାଏଜେ ସଡ଼କ୍ ଦୁର୍ଘଟଣାକେ କମ୍ କର୍‌ବାର୍ ଲୁକ୍‌କର୍ ସୁରକ୍ଷାକେ ସୁନିଶ୍ଚିତ୍ କର୍‌ବୋର୍ ଲକ୍ଷ୍ୟ ନେଇକରି ମୁଲ୍ ହେଇଥିବା ଗାଡ଼ି ଫିଟ୍‌ନେସ୍ ଯାଂଚ୍ କାମ୍‌ର ୨ ନମ୍ବର୍ ଦିନ୍‌ତକ୍ ପରିବହନ୍ ବିଭାଗ୍ ତର୍‌ଫୁ ୩ ହଜାର୍ ୫୭ ଟା ଗାଡ଼ିର୍ ଯାଂଚ୍ କରାଯାଇଛେ । ଫିଟ୍‌ନେସ୍ ଆଉ ପଞ୍ଜିକରଣ୍ ନାଇଁଥିବା ୪ ଶହ ୭୮ ଟା ଗାଡ଼ିର୍ ଇ-ଚାଲାଣ୍ ସହେତେ ପରମିଟ୍ ନାଇଁଥିବା ଶହେ ୭୨ ଟା ଗାଡ଼ିର୍ ଭିଲ୍ ଚାଲାଣ୍ କଟାଯାଇଥିବା ବିଭାଗ୍ ତର୍‌ଫୁ କୁହାଯାଇଛେ । ରାଏଜେ ସଡ଼କ୍ ସୁରକ୍ଷା ବ୍ୟବସ୍ଥାକେ ବର୍‌କସ୍ କର୍‌ବାର୍ ଲାଗି ପୁଲିସ୍ ପ୍ରଶାସନ୍ ସହେତେ ତାଲ୍‌ମେଲ୍ ରଖିକରି ପରିବହନ୍ ବିଭାଗ୍ ତର୍‌ଫୁ ବାହନ୍ ଆଉ ଇ-ଚାଲାଣ୍ ଡେସ୍‌ବୋର୍ଡ଼୍‌ଥି ଆଲର୍ଟ ବ୍ୟବସ୍ଥା କରାଯାଇଛେ ।

ବୌଦ୍ଧ ଜିଲ୍ଲା ସଡ଼କ୍ ସୁରକ୍ଷା କମିଟି ବୈଠକ୍‌ଥି ଟ୍ରାଫିକ୍ ନିୟମ୍ ମାନ୍‌ବାର୍ ଆଉ ଗାଡି ଯାଂଚ୍‌କେ ଅଏତ୍‌କା କଡ଼ାକଡ଼ି କର୍‌ବାର୍ ଲାଗି ଜିଲ୍ଲାପାଲ୍ ନିର୍ଦ୍ଦେଶ୍ ଦେଇଛନ୍ । ପରିବହନ୍, ପୁଲିସ୍, ଅବକାରୀ ଆଉ ଅଲ୍‌ଗା ବିଭାଗ୍ ନିଜର୍ ଭିତ୍‌ରେ ତାଲ୍‌ମେଲ୍ ରଖିକରି ଇତାକେ ପାଲନ୍ କର୍‌ବାର୍‌କେ ବୈଠକ୍‌ଥି ଆଲୋଚନା କରାଯାଇଛେ ।

ବନ ମହୋତ୍ସବ        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ୭୭ ନମ୍ବର୍ ବନ ମହୋତ୍ସବ୍ ସପ୍ତାହ ପାଳନ୍ ଅବ୍‌ସରେ ଖାସ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଇଥି ବନ ବିଭାଗ୍ ଅଧିକାରୀମାନେ ଯୋଗ୍ ଦେଇକରି ପରିବେଶ୍ ସୁରକ୍ଷା ଆଉ ଭବିଷ୍ୟତ୍ ପିଢ଼ିର ସୁରକ୍ଷିତ ଜୀବନ୍ ଲାଗି ବହୁତ୍‌ଟେ ଗଛ୍ ଲଗାବାର୍‌ଟା ସମିଆର୍ ଆହ୍ୱାନ୍ ଆଏ ବଲି କହିଛନ୍ ।

ହୀରାକୁଦ୍ ଜଲ୍‌ଭଣ୍ଡାର୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ଉପର୍‌ମୁଡ଼େ ଜବର୍ ବର୍ଷା ହେବାର୍‌ନୁ ହୀରାକୁଦ୍ ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ବଢ଼୍‌ବାର୍‌କେ ଲାଗିଛେ । ଇତାକେ ନଜର୍‌ଥି ରଖିକରି ହୀରାକୁଦ୍ ଜଲ୍‌ଭଣ୍ଡାର୍ କର୍ତୃପକ୍ଷଙ୍କର୍ ତର୍‌ଫୁ ଆଏବା କାଏଲ୍ ସଖାଲର୍ ୧୧ ବଜେ ଇ ବଛ୍‌ରର୍ ପହେଲା ବଏଢ଼୍ ପାଏନ୍ ଛଡ଼ାଯିବା ।  ଇଥିର୍‌ଲାଗି ୧୨ ଟା ଜିଲ୍ଲାର୍ ଜିଲ୍ଲାପାଲ୍‌ମାନ୍‌କୁ ଡେମ୍ କର୍ତୃପକ୍ଷଙ୍କର୍ ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଗେଟ୍ ଖୁଲ୍‌ବାର୍ ବେଲ୍‌କେ ମହାନଦୀ

ଭିତରକେ ଯେନ୍ତା କେହି ନାଇଁଯିବେ ସେଥିରଲାଗି ସତର୍କ କରାଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍-ପଶ୍ଚିମ ବଙ୍ଗୋପ୍‌ସାଗର୍ ଆଉ ତାକେ ଲାଗିକରି ଥିବା ଉତର୍ ଓଡ଼ିଶା ପଶ୍ଚିମବଙ୍ଗ୍ ସମୁଦ୍ରଖଁଡ଼ି ନ ହେଇଥିବା ଅବପାତ୍ ଦୁର୍ବଲ୍ ହେବାର୍ ଉତ୍‌ରୁ ରାଏଜେ ବର୍ଷା କମିଛେ । ଆଏଜ୍‌ଠାନୁ ଆଏବା ୧୨ ତାରିଖ୍‌ତକ୍ ରାଜ୍ୟର୍ କେତେଟା ଜାଗା ନ ହାଲ୍‌କାନୁ ମଧ୍ୟମ୍ ଧରଣ୍‌ର ବର୍ଷା ହେଇପାରେ ।